# ପକ୍ଷୀମାନେ[୧]

ସୂର୍ଯ୍ୟାସ୍ତ ପରେ
ଅନ୍ଧାର ହିଁ ଅନ୍ଧାର ।।

ଅନ୍ଧାର ଭିତରେ
ଆମେ ସବୁ ଗୋଟାଏ ଗୋଟାଏ
ଭୟାନକ ଜଙ୍ଗଲ ପାଲଟି ଯାଉ ।।

ଜଙ୍ଗଲ ବ୍ୟାପି ଯାଏ
ଦେହରେ ଦେହରେ
ଅନ୍ଧାରଭର୍ତ୍ତି
ଭୋକ ଓ ତୃଷ୍ଣାର ବାଘ
ହେଣ୍ଟାଳ ମାରେ,
ମଣିଷର ଖୋଳପା ଫିଙ୍ଗି
ଡିଆଁ ମାରନ୍ତି
ଲଙ୍ଗଳା ଗାଁ ଓ ସହରମାନେ
ଚିହ୍ନା, ଅଚିହ୍ନା ସଂପର୍କମାନେ

ଆଉ ପକ୍ଷୀମାନେ
ଛଟପଟ ହୁଅନ୍ତି
ପୃଥିବୀର ଅଦୃଶ୍ୟ  ଛାତି ଉପରେ ।।

ଶୁଣ, ଆଜି
ଉଡ଼ିଯିବାକୁ ଦିଅ
ପକ୍ଷୀମାନଙ୍କୁ ।।

ସେମାନଙ୍କର
ଯେଣିକି ଇଛା
ସେଆଡ଼କୁ ।।

ଉଠେଇ ନିଅ ନିଷେଧାଜ୍ଞା
ସବୁ ରାସ୍ତାରୁ
ମେଘ, ପତ୍ର, ଫୁଲରୁ

---
[୧] ସଚିତ୍ର ବିଜୟା – ଜାନୁଆରୀ – ୨୦୦୦

ଆକାଶ, ମହାକାଶରୁ

ଏ ଭୟାନକ ଜଂଗଲର ପୃଥିବୀରେ
ପକ୍ଷୀମାନେ ହିଁ
ଆଣି ପାରନ୍ତି
ସୂର୍ଯ୍ୟୋଦୟ!!

## ସେମାନେ ସବୁ[୨]

ଦୌଡ଼ୁଛନ୍ତି!

କେହି ଜଣେ
ଅଟକାଇ ଦିଅନ୍ତା ନି?

ଆହା! ଦୌଡ଼ି ଦୌଡ଼ି
ସତେ କେତେ
ହାଲିଆ ହେଲେଣି ॥

[୨] ଆନ୍ଦୋଳନ – ଫେବୃଆରୀ ମାର୍ଚ୍ଚ – ୧୯୯୮